ପ୍ରଶ୍ନ ଉଠିଥାଏ ଯେ କେ ?ଶସି ଏକ ସିନେମାକୁ କେବଳ ତା'ର କଳାତ୍ମକ ଉତ୍କର୍ଷ ଦୃଷ୍ଟିରୁ ଅନୁଶୀଳନ କରାଯାଇ ପାରନ୍ତା ନାହିଁ କି ? ହଁ, ଏହା ସମ୍ଭବ, କିନ୍ତୁ ଏଥି ଲାଗି ଲୋଡ଼ା ପ୍ରଶସ୍ତ ବିବେଚନାବୋଧ ଓ ଔଦାର୍ଯ୍ୟ। କିନ୍ତୁ 'ଧୁରନ୍ଧର' ପରିପ୍ରେକ୍ଷୀରେ ଏହା ଠାରୁ ଅଧିକ ମହତ୍ୱପୂର୍ଣ୍ଣ ପ୍ରଶ୍ନଟିଏ ସୃଷ୍ଟି ହୋଇଛି। ପ୍ରଶ୍ନଟି ହେଲା ଯଦି କୌଣସି ସମାଲୋଚକ ସିନେମାକୁ ଅତ୍ୟନ୍ତ କଟୁ ସମାଲୋଚନା କରନ୍ତି, ତେବେ, ତ'ଣ ତାକୁ 'ଅନଲାଇନ' ଭିଡ଼ତନ୍ତର ସମ୍ମୁଖୀନ ହେବାକୁ ପଡ଼ିବ ? ନିଶ୍ଚୟରେ ମୁକ୍ତି ଲାଭ କରିଥିବା 'ଧୁରନ୍ଧର' ନାମକ ଚଳଚ୍ଚିତ୍ରଟି କଥାବସ୍ତୁ, ଅଭିନୟ, ସଂଳାପ, ସିନେମା ନିର୍ମାଣ କଳା ଓ କାରିଗରି ଉତ୍ୟାଦି ଦୃଷ୍ଟିରୁ ବିପୁଳ ପ୍ରଶଂସାର ପାତ୍ର ହୋଇ ଅବଲୀଳା କ୍ରମେ ଏକ ସର୍ବକାଳୀନ ବୃହତ୍ ହିଟ୍ ହେବା ପଥରେ ଯାତ୍ରା ଆରମ୍ଭ କରିଥିଲେ ହେଁ କିଛି ସମାଲୋଚକ ଏବଂ ବର୍ଗଙ୍କଙ୍କ ଦ୍ୱାରା ସୃଷ୍ଟ ବ୍ୟାଖ୍ୟାନ, ଯେ ଏହା ଏକ ନିର୍ଦ୍ଦିଷ୍ଟ ମତବାଦର ପ୍ରଚାର ଓ ପ୍ରସାର ସଚ୍ଚାଶେ ଉଦ୍ଦିଷ୍ଟ, ଲୋଚଶେତ୍ରରେ ଚର୍ଚ୍ଚାର ତରଙ୍ଗ ସୃଷ୍ଟି କରିଛି। ଅବଶ୍ୟ ଏହା ସତ ଯେ ବିତତ କିଛି ବର୍ଷ ଧରି ନିର୍ମିତ ହେଇ ଆସୁଥିବା କେବେକ ସିନେମା କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ବଳର ପ୍ରଚାର-ତନ୍ତ୍ରର ଅଂଶବିଶେଷ ବୋଲି ଧାରଣା ସୃଷ୍ଟି ହେବାରେ ଲାଗିଛି। କିନ୍ତୁ, ଏହି ପରିପ୍ରେକ୍ଷୀରେ ଯାହା ବିଚାର୍ଯ୍ୟ, ତାହା ହେଲା, କୌଣସି ଚଳଚ୍ଚିତ୍ର ତା ସେହି ଦୃଷ୍ଟିରୁ ଯେ କେ ?ଶସି କଳାତ୍ମକ ସୃଷ୍ଟି ତା ଅଭିବ୍ୟକ୍ତିକୁ ଅନୁଶୀଳନ କଲା ବେଳେ ଦୃଷ୍ଟି ଓ ଦୃଷ୍ଟିକୋଣ କିଭଳି ହେବା ଉଚିତ, ଯେଉଁ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। 'ଧୁରନ୍ଧର' ସଂଦର୍ଭରେ ଅଛି ?ଯୋଗ ହେଲା ଏହା ଯେ ସିନେମାଟି ପାକିସ୍ତାନର ଭରାଡ଼ାମୁଣ୍ଡ ଲିୟାରି ନାମକ ଏକ ଅରାଜକ, ଶଣ୍ଡର ପରିବ୍ୟପ୍ତ ଏବଂ ଅପରାଧୀ ଗ୍ୟାଙ୍ଗଷ୍ଟରମାନଙ୍କ ଦ୍ୱାରା ସଂପୂର୍ଣ୍ଣ କଳଚିତ ଅଂଚଳକୁ କେନ୍ଦ୍ର କରି ଗଢ଼ି ଉଠିଥିଲେ ହେଁ ଏହା ଅତ୍ୟନ୍ତ ସ୍ୱଚ୍ଛ ଭାବେ ତୀବ୍ର 'ଅସଲାମୋଫୋବିୟା' ବା 'ମୁସଲମାନଙ୍କ ପ୍ରତି ଅହେତୁକ ଭୟ' ସୃଷ୍ଟି କରିବା ଲାଗି ଅଭିପ୍ରେତ, ଯେଉଁଥି ଲାଗି ବାସ୍ତବ ଚିତ୍ରଣ ଆଳରେ ତହିଁରେ ଅସହନୀୟ ହିଂସା ଓ ରକ୍ତପାତକୁ ଦର୍ଶାଯାଇଛି। କିଛି ଅଭିଯୋଗକାରୀ ଏହା ମଧ୍ୟ କହିଥାଆନ୍ତି ଯେ ସିନେମାର ପୃଷ୍ଠଭୂମିରେ ପାକିସ୍ତାନର 'ଗ୍ୟାଙ୍ଗ ଓ୍ୱାର' ପ୍ରମୁଖତା ପାଇଥିଲେ ହେଁ ଭାରତକୁ କ୍ଷତବିକ୍ଷତ କରିଥିବା ଜେହାଦୀ ଆତଙ୍କବାଦ ଓ ନକଲି ନୋଟ କାରବାର ଇତ୍ୟାଦି ସହିତ ଲିୟାରି ଗ୍ୟାଙ୍ଗଗୁଡ଼ିକର ସଂପୃକ୍ତି ବିଷୟ ସିନେମାରେ ସ୍ପଷ୍ଟ ହୋଇ ଭାରତୀୟ ଜନ ସମାଜକୁ ପ୍ରଭାବିତ କରିପାରେ; ଯଦ୍ୟପି ସାଂପ୍ରଦାୟିକ ସନ୍ଦେହ ଅଧିକ ପ୍ରଗାଢ଼ ହେବାର ଆଶଙ୍କା ଅଛି। ତେବେ, ଏଭଳି ଅଭିଯୋଗକୁ ସଂପୂର୍ଣ୍ଣ ଖାରଜ କରୁଥିବା ବର୍ଗ କହିଥାଆନ୍ତି ଯେ ପାକିସ୍ତାନୀ ମୁସଲମାନମାନଙ୍କୁ କେନ୍ଦ୍ର କରି ନିର୍ମିତ ଏହି ସିନେମାର କୌଣସି ନକରାତ୍ମକ ପ୍ରଭାବ ଭାରତୀୟ ଜନ ସମୂହ ଉପରେ ଆଦୌ ପଡ଼ି ନାହିଁ; କାରଣ ସଂପ୍ରତାୟ ନିର୍ବିଶେଷର ଭାରତୀୟମାନେ କେବଳ ଅରୁଟିଏ ନୁହେଁ, ବାରମ୍ବାର ସିନେମାଟିକୁ ଦେଖିବାକୁ ଯାଇ ପ୍ରେଷାଳୟମାନଙ୍କରେ ନିପଟ ଗହଳି ସୃଷ୍ଟି କରି ଚାଲିଛନ୍ତି। 'ଧୁରନ୍ଧର'କୁ ଏକ ଅତ୍ୟନ୍ତ ବାସ୍ତବଧର୍ମୀ ସିନେମାରେ ପରିଣତ କରିବା ଲାଗି ତା' ପଛରେ ସପନ ଗବେଷଣା ଅଛି ବୋଲି ଜଣାଯାଏ। ତା' ସତ୍ତ୍ୱେ କଥାବସ୍ତୁ କାଳ୍ପନିକ ବୋଲି 'ଧୁରନ୍ଧର' ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଛି ଲାହିଁ ? ଏହାର କାରଣ ହେଲା, ସଂପ୍ରତିକ ସମାଜ ଅତ୍ୟନ୍ତ ଧୁଳାବୃତ ଓ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିବାରୁ କୌଣସି ସାମାନ୍ୟ ସୂଚନାଗତ ପ୍ରମାଦ ବା ତଥ୍ୟଗତ ବିଚ୍ୟୁତି ତୁମୁଳ ବିବାଦକୁ ଜନ୍ମ ଦେଇପାରେ। ସେହି କାରଣରୁ ଐତିହାସିକ କଥାବସ୍ତୁ, ଏପରିକି ଜୀବନୀ ଆଧାରିତ କେବେକ ସିନେମାରେ ମଧ୍ୟ ଏଭଳି ଘୋଷଣା ଦେଖିବାକୁ ମିଳୁଛି; ଯଦ୍ୟପି ଲଛାକୃତ ବା ଅନିଚ୍ଛାକୃତ ତଥ୍ୟଗତ ବିଚ୍ୟୁତି ଜନିତ ବିବାଦ କ୍ଷେତ୍ରରେ 'କାଳ୍ପନିକତା'ର ଦୃଷ୍ଟି ଦେଇ ତହିଁରୁ ଜର୍ଜିବା ସମ୍ଭବ ହୋଇଥାଏ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଐତିହାସିକ ପୃଷ୍ଠଭୂମି ସଂବଳିତ କେ କୌଣସି ବାସ୍ତବଧର୍ମୀ ସିନେମା(କାଶ୍ମୀର ଫାଇଲ୍ସ ବା ଗାସଙ୍କେଟ୍ ଫାଇଲ୍ସ ବା ଦ ଏଜ୍‌ସିଡେଟାଂଲ ପ୍ରାଇମ ମିନିଷ୍ଟର ବା ସାବରମତୀ ଏକ୍‌ସପ୍ରେସ)ର ନିର୍ମାଣ ପଛରେ ଉଦ୍ଦେଶ୍ୟ ଥାଏ ଯେ ତାହା ସତ୍ୟ ବୋଲି ଦର୍ଶକମାନଙ୍କ ହୃଦ୍‌ବୋଧ କରାଇବା। ଏଙ୍କ ଏହା ମଧ୍ୟ ସତ ଯେ ସିଗାରେଟ ପ୍ୟାକେଟରେ ଥିବା ବୈଧାନିକ ସତର୍କତା ପ୍ରତି ଧୂମପାୟୀମାନଙ୍କ ଧ୍ୟାନ ନ ଥିବା ଭଳି ଉପରୋକ୍ତ ଘୋଷଣା ପ୍ରତି ଅଧିକାଂଶ ଦର୍ଶକଙ୍କ ମଧ୍ୟ ଧ୍ୟାନ ନ ଥାଏ। ଏଭଳି ସ୍ଥଳେ ତଥ୍ୟଗତ ବିଚ୍ୟୁତି କରିଥାରେ ଅଙ୍ଗୁଳ୍ୟ ଅସତର୍କ ଦର୍ଶକଙ୍କ ମନରେ ବଦ୍ଧମୂଳ ବିଚ୍ଛାନ୍ତି ସୃଷ୍ଟି କରାଯାଇପାରେ। ସୁତରାଂ, ଏହି ମାଧ୍ୟମକୁ ପୃଥିବୀର ସର୍ବଚ୍ଚ ଶାସକ ବା ଶାସକଙ୍କ ସମର୍ଥକ ଘୋଷୀ ଦ୍ୱାରା ଆପଣା ମତାବର୍ଗ, ବର୍ଣ୍ଣ ଓ ଆଭିମୁଖ୍ୟର ପ୍ରଚାର ସଚ୍ଚାଶେ ଅତି ପୁରୁଣା କାଳରୁ ହିଁ ବ୍ୟବହାର କରାଯାଇ ଆସୁଛି; ଯେମିତି ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ୧୯୧୨ ମସିରେ ରୁମାନିଆ ଶାସକଙ୍କ ସୌଜନ୍ୟରୁ ନିର୍ମିତ ସିନେମା 'ଇଣ୍ଟିସେଣ୍ଟେଣ୍ଟ ରୋମାନେ'। ତେବେ, ପ୍ରାକ୍ ଦ୍ୱିତୀୟ ମହାଯୁଦ୍ଧ କାଳରେ ଜର୍ମାନୀରେ ଆଡଲ୍‌ଫ ହିଟଲରଙ୍କ ତୀବ୍ର ଜହୁଦୀ ବିରୋଧୀ ଘୃଣାର ପ୍ରଚାର ତନ୍ତ୍ରରେ ସିନେମା ଏକ ବଳିଷ୍ଠ ଅଙ୍ଗ ରୂପେ ବ୍ୟବହୃତ ହୋଇଥିଲା; ତାଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ଗଠିତ ପ୍ରଚାର ମନ୍ତ୍ରଣାଳୟର ମୁଖ୍ୟ ଯୋସେଫ ଗବେଲଙ୍କ ସ୍ୱହସ୍ତ ଲିଖିତ କଥାବସ୍ତୁ ସଂବଳିତ ସିନେମା ଯେମିତି ଜୋଇବର୍ଗ ବା ହିଟଲର ଉତ୍ୟାଦି। ପ୍ରକାଶ ଥାଉ କି ଦ୍ୱିତୀୟ ମହାଯୁଦ୍ଧର ଅନ୍ତ ଘଟିଲା ବେଳକୁ ମଧ୍ୟ ଯୋସେଫ ସକ୍ରିୟ ଥିଲେ, ଅଥଚ ସହସା ଯୁଦ୍ଧର ସମାପ୍ତି ସହିତ ଜର୍ମାନିର ପତନ ସହିତ 'ଲାଇଫ ଗୋଜ୍ ଅନ୍' (ଜୀବନ ଚାଲିଥାଏ) ନାମକ ସିନେମା ଅସମାପ୍ତ ହୋଇ ରହିଯାଇଥିଲା। ସେହି ଭଳି ଯୁଦ୍ଧ ସମୟରେ ହିଟଲର ଓ ତାଙ୍କ ସମର୍ଥକ ଫାସିଷ୍ଟ ଶକ୍ତିଙ୍କ ବିରୋଧରେ ପ୍ରଚାର ତନ୍ତ୍ର'ର ମୂଳଦୁଆ ପଡ଼ିଥିଲା ହଳିଲଭ୍‌ରେ, ଯେଉଁ ଠାରୁ ଭିନ୍ନ ପରିବେଶ ଓ ପରିସ୍ଥିତି ସତ୍ତ୍ୱେ ଏ ଯାବତ୍ ରାଜନୈତିକ, ରଣନୈତିକ ଓ ସାଂସ୍କୃତିକ ସଂଦର୍ଭରେ 'ପ୍ରୋପାଗାଣ୍ଡାଧର୍ମୀ' ସିନେମାର ଧାରା ପ୍ରବାହିତ ହୋଇ ଚାଲିଛି। ଭାରତରେ ମଧ୍ୟ ବିଭିନ୍ନ ସମୟରେ 'ପ୍ରୋପାଗାଣ୍ଡାମୂଳକ' ସିନେମାମାନ ପ୍ରସ୍ତୁତ ହୋଇ ଆସିଛି; ଯୁଦ୍ଧ ପରିପ୍ରେକ୍ଷୀରେ 'ହକିକତ୍'ରୁ ନେଇ 'ଉରି' ପର୍ଯ୍ୟନ୍ତ ରହିଛି ଏଭଳି ସିନେମାର ଏକ ଦୀର୍ଘ ତାଲିକା। ସମ୍ପ୍ରତି ଦଶକର ଅଧିକାଂଶ ଭାରତୀୟ ସିନେମାରେ ସମାଜବାଦର ପ୍ରଚ୍ଛନ୍ନ ସମର୍ଥନ ଦେଖିବାକୁ ମିଳଥାଏ, ଯହିରେ ଗାଁର ଧନାଢ଼ୟ ଜମିଦାର ସର୍ବଚ୍ଚ ଖଳନାୟକ ରୂପେ ଆବିର୍ଭୂତ

ଡାକ୍ତରଙ୍କ ଅକ୍ଷର

ଜଣେ ଡାକ୍ତର ଯେତେବେଳେ ସହଜରେ ପଢ଼ି ହେଉଥିବା ଅକ୍ଷରରେ ଏକ ପ୍ରେସ୍‌କ୍ରିପ୍‌ସନ୍ ଲେଖନ୍ତି, ତାହା ନିଶ୍ଚିତ ରୂପେ ତାଙ୍କର ପ୍ରଶଂସନୀୟ ନୈତିକ ବିନମ୍ରତାର ସ୍ୱାକ୍ଷର ବହନ କରିଥାଏ। ଚିକିତ୍ସା ଯେ ଏକ ଏକତରଫା କାର୍ଯ୍ୟ ନୁହେଁ, ଏହା ହେଉଛି ଏକ ଦ୍ୱିପାକ୍ଷିକ ଉଦ୍ୟମ, ଏଭଳି ପ୍ରେସ୍‌କ୍ରିପ୍‌ସନ୍ ହେଉଛି ତାହାର ଲିଖିତ ସ୍ୱୀକାରୋକ୍ତି। ନେସନାଲ୍ ମେଡିକାଲ କମିସନ ('ଏନ୍‌ୱମସି') ଡିସେମ୍ବର ୧୫ରେ ତା' ଅଧୀନରେ ଥିବା ସମସ୍ତ ମେଡିକାଲ କଲେଜମାନଙ୍କର ନିର୍ଦ୍ଦେଶକ ଓ ଡିନ୍‌ମାନଙ୍କ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳମାନଙ୍କର ସ୍ୱାସ୍ଥ୍ୟ ସଚିବମାନଙ୍କ ପାଖକୁ ପ୍ରେରଣ କରିଥିବା ଏକ ନିର୍ଦ୍ଦେଶନାମା ଆମ ଦେଶରେ ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ଏପରି ଏକ ବିଗର ଗୁଣବତାରେ ଉନ୍ନତି ସାଧନ କରିବା ପାଇଁ ଉଦ୍ଦିଷ୍ଟ ଯାହାର ନିର୍ଦ୍ଦିବାଦ ଗୁରୁତ୍ୱ ସତ୍ତ୍ୱେ ତାହା ପ୍ରତି ବିଚାରଚିତ ଭାବରେ ହେୟଜ୍ଞାନ ପ୍ରଦର୍ଶନ କରା ହୋଇ ଚାଲିଥିବା ଦେଖାଯାଇଥାଏ। ଏହା ହେଉଛି ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଡାକ୍ତରଙ୍କ ପରାମର୍ଶପତ୍ର ବା ପ୍ରେସ୍‌କ୍ରିପ୍‌ସନ୍‌ର ପଠନଯୋଗ୍ୟତା, ବା ଅନ୍ୟ ପ୍ରକାରେ କହିଲେ- ଡାକ୍ତରଙ୍କ ହସ୍ତାକ୍ଷରର ପଠନଯୋଗ୍ୟତା। 'ଏନ୍‌ୱମସି'ର ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ ପ୍ରେସ୍‌କ୍ରିପ୍‌ସନ୍ ଲିଖନ ଶୈଳୀ ଉପରେ ନଜର ରଖିବା ନିମିତ୍ତ ଏବଂ ମେଡିକାଲ ଶିକ୍ଷା ପାଠ୍ୟକ୍ରମରେ ସ୍ପଷ୍ଟ, ପଠନଯୋଗ୍ୟ ପ୍ରେସ୍‌କ୍ରିପ୍‌ସନ୍ ଲିଖନର ଗୁରୁତ୍ୱର ଅନ୍ତର୍ଭୁକ୍ତୀକରଣ ନିଶ୍ଚିତ କରିବା ନିମିତ୍ତ ସମସ୍ତ ମେଡିକାଲ କଲେଜରେ ସର୍ବକମିଟିମାନ ସ୍ଥାପନ କରାଯିବ। 'ଏନ୍‌ୱମସି' ପ୍ରାୟ ତିନି ମାସ ତଳେ ପଞ୍ଚାଦ ଓ ହରିଆନା ହାଇକୋର୍ଟ ପ୍ରଦାନ କରିଥିବା ଏ ସଂପର୍କିତ ଏକ ନିର୍ଦ୍ଦେଶ ପାଳନ କରି ବର୍ତମାନ ଏହି ପରଷେପ ନେଇଛି। ମାନ୍ୟବର ହାଇକୋର୍ଟ ସେଥିରେ ମତପ୍ରକାଶ କରିଥିଲେ ଯେ ପଠନଯୋଗ୍ୟ ମେଡିକାଲ ପ୍ରେସ୍‌କ୍ରିପ୍‌ସନ୍ ଓ ଅନ୍ୟାନ୍ୟ ନଥି ଭାରତର ସଂବିଧାନର ଧାରା-୨୧ ଅନ୍ତର୍ଗତ ସ୍ୱାସ୍ଥ୍ୟ ପାଇଁ ଅଧିକାର (ରାଇଟ୍ ଟୁ ହେଲ୍ଥ)ର ଏକ ମୌଳିକ ଅଂଶ। ମାନ୍ୟବର ଅଦାଲତ ମଧ୍ୟ ଏ ପ୍ରସଙ୍ଗରେ 'ଲ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟସ ଆକ୍ଟ, ୨୦୧୦'ରୁ 'ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ୍ (ପ୍ରଫେସନାଲ୍ କଣ୍ଡକ୍ଟ, ଏଟିକେଟ୍‌ସ ଆଣ୍ଡ୍ ଏଥିକ୍ସ) ରେଗୁଲେସନ୍‌ସ୍, ୨୦୦୨', 'ନେସନାଲ୍ ମେଡିକାଲ କମିସନ ଆକ୍ଟ, ୨୦୧୦' ପର୍ଯ୍ୟନ୍ତରେ ତଥା ୨୦୧୬ରେ ତତ୍‌କାଳୀନ 'ମେଡିକାଲ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ' ('ଏମ୍‌ସିଆଇ') ଦ୍ୱାରା ପ୍ରଦତ ବିଜ୍ଞପ୍ତିରେ ସ୍ପଷ୍ଟ ଅକ୍ଷରରେ ପ୍ରେସ୍‌କ୍ରିପ୍‌ସନ୍ ଲିଖନ ପ୍ରତି ଆରୋପ କରାଯାଇଥିବା ଗୁରୁତ୍ୱ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରୁ ସ୍ପଷ୍ଟ ହୋଇଥାଏ ଯେ ବୁଢ଼ ଦଶନ୍ଧିରୁ ଅଧିକ କାଳ ଧରି ଏ ସମ୍ବନ୍ଧରେ ସଚେତନତା ସୃଷ୍ଟି ହୋଇ ପରିସ୍ଥିତିରେ ଉନ୍ନତି ନିମିତ୍ତ ଉଦ୍ୟମ କରା ହୋଇ ଆସିଥିଲେ ହେଁ ତାହା ଯଥା ପୂର୍ବମ୍ ରହିଥିବାରୁ ବର୍ତମାନ ଉପରୋକ୍ତ ହାଇକୋର୍ଟ ଏହି ସଦ୍ୟତମ ପଦକ୍ଷେପ ନେବାକୁ ଆବଶ୍ୟକ ମନେ କରିଛନ୍ତି। ପ୍ରେସ୍‌କ୍ରିପ୍‌ସନ୍‌ର ହସ୍ତାକ୍ଷର ପ୍ରତି ପ୍ରଦର୍ଶିତ ହେଉଛାନ୍ତି ତାହାର ମନସ୍ତତ୍ତ୍ୱ ବୁଝିବା ଅବଶ୍ୟ କଷ୍ଟ ନୁହେଁ: ରୋଗୀର ଚିକିତ୍ସା ପରି ଏକ ଅତ୍ୟନ୍ତ ଜଟିଳ ଜ୍ଞାନଭିତ୍ତିକ ପ୍ରକ୍ରିୟାରେ ଡାକ୍ତରଙ୍କର ହସ୍ତାକ୍ଷର ହେଉଛି ସବୁଠାରୁ ମାମୁଲି ଉପାଦାନ। କିନ୍ତୁ ଅସ୍ପଷ୍ଟ ହସ୍ତାକ୍ଷର ଯୋଗୁଁ ଯଦି ଔଷଧ ବା ସେବନ ବିଧି ଭୁଲ୍ ହୋଇଯାଏ, ରୋଗୀ ପାଇଁ ତାହା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ- ଏହା କେହି ଅସ୍ୱୀକାର କରିପାରିବେ ନାହିଁ। ଅନେକ ସମୟରେ କାର୍ଯ୍ୟଜନିତ ଚାପରୁ ଡାକ୍ତରଙ୍କ ଖରାପ ହସ୍ତାକ୍ଷରର କାରଣ ରୂପେ ପ୍ରଦର୍ଶିତ କରାଯାଇଥାଏ। କିନ୍ତୁ ଯେଉଁମାନେ ଏଭଳି ଯୁକ୍ତି କରନ୍ତି, ସେମାନେ ଭୁଲି ଯାଇଥାନ୍ତି ଯେ ପଠନଯୋଗ୍ୟ ହସ୍ତାକ୍ଷର ହେଉଛି ଜଣେ ଡାକ୍ତରଙ୍କର ବୃଦ୍ଧିଗତ ନୈତିକ ଦାୟିତ୍ୱର ଏକ ଅଂଶ। ଚିକିତ୍ସା ବୃତ୍ତିର ପ୍ରାଚୀନତମ ପରମ୍ପରା ଅନୁସାରେ ବିଶ୍ୱାସ ସହିତ ଏହାର ସଂପର୍କ ହେଉଛି ଅବିଚ୍ଛେଦ୍ୟ। ସୁପରିଚିତ 'ହିପୋକ୍ରାଟିକ୍ ଶପଥ' ଅନୁସାରେ ଜଣେ ଚିକିତ୍ସକ କେବଳ ରୋଗୀଙ୍କୁ ଆରୋଗ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇ ନଥାନ୍ତି, ତା'ର ''କୌଣସି କ୍ଷତି ନ ଘଟାଇବାକୁ'' ମଧ୍ୟ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି। ଏକ ଅପାଠ୍ୟ ପ୍ରେସ୍‌କ୍ରିପ୍‌ସନ୍ ଏହି ଶପଥର ଉଲ୍ଲଙ୍ଘନ କରିଥାଏ, କାରଣ ଏହାର ବର୍ତମାନ କି ସଠିକ୍ ଔଷଧ ଓ ଅନ୍ୟାନ୍ୟ ପରାମର୍ଶ ସମ୍ବନ୍ଧରେ ଧାରଣା କରିବା ପାଇଁ ରୋଗୀ ଠାରୁ ପରିବାର ସଦସ୍ୟ ଓ ଔଷଧ ଦୋକାନୀଙ୍କ ପର୍ଯ୍ୟନ୍ତଙ୍କୁ ଅଛାରରେ ବାଡ଼ି ବୁଲାଇବାକୁ ପଡ଼ିଥାଏ। କହିବା ଅନାବଶ୍ୟକ ଯେ ପ୍ରେସ୍‌କ୍ରିପ୍‌ସନ୍‌ର ଭୁଲ୍ ବର୍ତମାନ ରୋଗୀ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ତେଣୁ ଡାକ୍ତରଙ୍କ ହସ୍ତାକ୍ଷରର ଗୁରୁତ୍ୱ କେବଳ ତାହାର ସୌନ୍ଦର୍ଯ୍ୟରେ ସୀମିତ ନୁହେଁ; ଏଥିରେ ରୋଗୀର ଅନିଷ୍ଟ ସାଧନ ନିବାରଣ ଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଶାସ୍ତ୍ରୀୟ ନୈତିକତା ଓତପ୍ରୋତ ଭାବରେ ଜଡ଼ିତ ହୋଇଥାଏ। ଭାରତୀୟ ଚିକିତ୍ସା ଦର୍ଶନରେ ମଧ୍ୟ ଏଭଳି ଆତ୍ମିମୁଖ୍ୟ ବିଶେଷ ପ୍ରାଧାନ୍ୟ ଲାଭ କରିଥିବା ଦେଖାଯାଏ। ଆୟୁର୍ବେଦ ଅନୁସାରେ ଜଣେ ବୈଦ୍ୟଙ୍କ ପାଖରେ ଯେଉଁ ଚତୁର୍ଗୁଣର ସମାହାର ଘଟିଥାଏ, ସେଗୁଡ଼ିକ ହେଉଛି: ଜ୍ଞାନ, ବିଜ୍ଞାନ (ବିଷୟ), କରୁଣା ଓ ସାଧୁତା। ରୋଗୀର ରୋଗ ଚିହ୍ନଟ ସହିତ ବୈଦ୍ୟଙ୍କର ଦାୟିତ୍ୱରେ ଅଳ୍ପ ଘଟି ନ ଥାଏ; ରୋଗୀ ଚିକିତ୍ସା ବିଧିକୁ ସଠିକ୍ ରୂପେ ବୁଝି ତାହାର ଉଚିତ ପାଳନ କରିବା ନିଶ୍ଚିତ କରିବା ମଧ୍ୟ ବୈଦ୍ୟଙ୍କର ନୈତିକ ଦାୟିତ୍ୱର ଅଂଶ ହୋଇଥାଏ। କହିବା ବାହୁଲ୍ୟ, ଜଣେ ଡାକ୍ତର ଯେତେବେଳେ ବିଲେଇ ମାମିଆ ଭଳି ଅକ୍ଷରରେ ଏକ ପ୍ରେସ୍‌କ୍ରିପ୍‌ସନ୍ ଲେଖନ୍ତି, ସେ ସିଧାସଳଖ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଏକ ନୈତିକ ଦାୟିତ୍ୱର ଉଲ୍ଲଙ୍ଘନ କରିଥାନ୍ତି। ଆଧୁନିକ ଚିକିତ୍ସାଶାସ୍ତ୍ରୀୟ ନୈତିକତାରେ ରୋଗୀଙ୍କର ସ୍ୱାୟତତାକୁ ଏକ ବିଶେଷ ମର୍ଯ୍ୟାଦା ପ୍ରଦାନ କରାଯାଇଥାଏ। ଏଥିରେ ସନ୍ଦେହ ନାହିଁ ଯେ ଜଣେ ରୋଗୀ ଯେତେବେଳେ ପ୍ରେସ୍‌କ୍ରିପ୍‌ସନ୍‌ଟିକୁ ପଢ଼ିବା ପାଇଁ ଅକ୍ଷମ ହୋଇଥାନ୍ତି, ତାଙ୍କର ଏକ ସ୍ୱାୟତତା ସଂପୂର୍ଣ୍ଣ ରୂପେ ଉଲ୍ଲାନ ହୋଇଯାଇଥାଏ; ତାଙ୍କ ଅବସ୍ଥା ହୋଇଥାଏ ଏକ ନିରକ୍ଷର ଶିଶୁର ଅବସ୍ଥା ଭଳି, ମଧ୍ୟମୁମାନଙ୍କ ନିଷ୍ପତ୍ତି ଉପରେ ଯାହାର ନିର୍ଭର ନିର୍ଭରଶୀଳ ହୋଇଥାଏ। ପୃଥିବୀର ପ୍ରତ୍ୟେକ ସଂସ୍କୃତିରେ ଚିକିତ୍ସାଶାସ୍ତ୍ରର ବର୍ଣ୍ଣନରେ ଆରୋଗ୍ୟ କରିବାକୁ ଯେତିକି ଗୁରୁତ୍ୱ ପ୍ରଦାନ କରାଯାଇଥାଏ, ରୋଗୀର ଯତ୍ନ ନେବାକୁ ମଧ୍ୟ ସେତିକି ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ବିଂଶ ଶତାବ୍ଦୀର ଖ୍ୟାତନାମା ଜର୍ମାନ୍ ଦାର୍ଶନିକ ହାନ୍‌ସ-ଜର୍ଜ ଗାଡାମର୍ କହିଥିବା ଭଳି କେବଳ ରୋଗର ଅନୁପସ୍ଥିତି ସୁସ୍ଥ ଅବସ୍ଥାର ପରିଚାୟକ ନୁହେଁ, ଏକ ନିଶ୍ଚିନ୍ତ ମାନବିକ ଅବସ୍ଥା ମଧ୍ୟ ହେଉଛି ଏହାର ଏକ ଅବିଚ୍ଛେଦ୍ୟ ଅଂଶ। ରୋଗୀ ଯେତେବେଳେ ଏକ ପଢ଼ି ହେଉ ନ ଥିବା ପ୍ରେସ୍‌କ୍ରିପ୍‌ସନ୍‌ଜନିତ ଅନିଶ୍ଚିତତା ସହିତ ଜସରତ କରେ ସେତେବେଳେ ସେଥିରୁ ସୁସ୍ଥ ବୁଦ୍ଧିହୀନ ତା'ର ଅସୁସ୍ଥତାର ଏକ ଅଂଶ ପାଲଟି ଯାଇଥାଏ। ତେଣୁ ଏକ ସହଜରେ ପଢ଼ି ହେଉଥିବା ପ୍ରେସ୍‌କ୍ରିପ୍‌ସନ୍ ଖୋଦ୍ ରୋଗୀର ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେ ବିବେଚିତ ହୋଇଥାଏ। ଜଣେ ଡାକ୍ତର ଯେତେବେଳେ ସହଜରେ ପଢ଼ି ହେଉଥିବା ଅକ୍ଷରରେ ଏକ ପ୍ରେସ୍‌କ୍ରିପ୍‌ସନ୍ ଲେଖନ୍ତି, ତାହା ନିଶ୍ଚିତ ରୂପେ ତାଙ୍କର ପ୍ରଶଂସନୀୟ ନୈତିକ ବିନମ୍ରତାର ସ୍ୱାକ୍ଷର ବହନ କରିଥାଏ। ଚିକିତ୍ସା ଯେ ଏକ ଏକତରଫା କାର୍ଯ୍ୟ ନୁହେଁ, ଏହା ହେଉଛି ଏକ ଦ୍ୱିପାକ୍ଷିକ ଉଦ୍ୟମ, ଏଭଳି ପ୍ରେସ୍‌କ୍ରିପ୍‌ସନ୍ ହେଉଛି ତାହାର ଲିଖିତ ସ୍ୱୀକାରୋକ୍ତି। ଯେଉଁ ବୃତ୍ତିରେ ରୋଗୀର ବୃଦ୍ଧିରେ ଜଣେ ଡାକ୍ତର ଜଣେ ବେଦବାନ ଆସନ ଦଖଲ କରିଥାନ୍ତି, ସେଥିରେ ଏକ ବୋଧଗମ୍ୟ ପ୍ରେସ୍‌କ୍ରିପ୍‌ସନ୍‌ଟିଏ ଲେଖିବା ସେ ବେଦବାଙ୍କ ପାଇଁ ଏକ ଛୋଟିଆ କାର୍ଯ୍ୟ ହୋଇପାରେ, କିନ୍ତୁ ରୋଗୀ ପାଇଁ ତାହା ଏକ ବର

ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଦିବସ ଅବସରରେ ସୁଶାସନ ଦିବସ ପାଳିତ

ସମ୍ବଲପୁର,୨୬/୧୨(ନି/ପ୍ର):ବୁର୍ଲା ଅଟଳ ଛକ ଠାରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମ ଦିବସ ଅବସରରେ ସୁଶାସନ ଦିବସ ପାଳନ ହୋଇଯାଇଛି ଓ ଏହି ପରିପ୍ରେକ୍ଷୀରେ ରେ ଜିଲ୍ଲା ପ୍ରଶାସନ ଏବଂ ଅଟଳ ବିହାରୀ ବାଜପେୟୀ ଜୟନ୍ତୀ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସଂସ୍କାନୀୟ ଅତିଥି ଭାବେ ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ , ଓଡିଶା ସରକାର ରବିନରାୟଣ ନାୟକ, ବିଧାୟକ ଭୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ଉତରାଂଚଳ ଆଇଜି ହିମାଶୁ ଲାଲ(ଭା.ପୋ.ସେ), ଜିଲ୍ଲାପାଳ, ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ (ଭା.ପୋ.ସେ),ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରୋହାନ କ୍ଷତ୍ରୀ(ଭା.ପ୍ର.ସେ)ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁଶାସନ ଦିବସ ଅବସରରେ ହୋଇଥିବା ମାରାଥନ ରେ ଯୋଗ ଦେଇଥିବା ଜନତା ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆସନ୍ତା ବର୍ଷ ବୁର୍ଲା ଠାରେ ଶ୍ରୀ ଅଟଳ ବିହାରୀ ଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ଥିବା ଅଟଳ ଉଦ୍ୟାନ ଠାରେ ଅତ୍ୟାଧୁନିକ ଆକର୍ଷଣୀୟ ଉଦ୍ୟାନ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ଏହି ଉଦ୍ୟାନ କୁ ଏମିତି କରିବା ଯେମିତି ବୁର୍ଲା, ଓଡ଼ିଶା ର ବିକାଶ ର ଗୋଟେ ପ୍ରମୁଖ ପେଣ୍ଠସୁଲ ଭାବେ ପରିଚିତ ହେବା ।କେବଳ ସେତିକି ନୁହେଁ ବୁର୍ଲା ଥରେ ସ୍ଥିତ ପାଖାର ଚ୍ୟାନେଲ କୁ ଏକ ଅତ୍ୟାଧୁନିକ ଜଳାଶୟ ରେ ବିକାଶ କରନ୍ତୁ ଯେମିତି ଏହା ବୁର୍ଲା ର ଶ୍ରୀ ବୃଦ୍ଧି କରିବା ଅନେକ ପର୍ଯ୍ୟଟକ ଙ୍କୁ ଆକର୍ଷିତ କରିବା ବୋଲି କହିଥିଲେ ।କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରେ ଆମ ରାଜ୍ୟ ରେ ଗୋଟିଏ କଲ୍ୟାଣକାରୀ ଶାସନ ପ୍ରଣାଳୀ ଚାଲିଛି ।ସୁଶାସନ କେବଳ ସରକାର ର କାମ ନୁହେଁ ଏହା ପାଇଁ ଜନସାଧାରଣ ଙ୍କ ସହଯୋଗର ଆବଶ୍ୟକତା ତ ଅଛି ବୋଲି କହିଥିଲେ ।ସେସର୍ବପ୍ରଥମ ନାଗରିକ ନିଜେ ଦାୟିତ୍ୱ ନ ନେଇଛନ୍ତି ସେପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ, ବିକଶିତ ଭାରତ ର ସ୍ୱପ୍ନ ପୂରା ହୋଇପାରିବ ନାହିଁ ।ସମ୍ବଲପୁର କୁ ଅତ୍ୟାଧୁନିକ ଅଙ୍ଗ ରୂପେ ପରିଣତ କରିବା ପାଇଁ ରାସ୍ତା ଘାଟ ନିର୍ମାଣ ଚାଲିଛି ।ସେଥିପାଇଁ ଗୋଶାଳା ରୁ ଆରମ୍ଭ କରି ମାଝିପାଲି ପର୍ଯ୍ୟନ୍ତ ରିଙ୍ଗ ରୋଡ ର ନିର୍ମାଣ ପାଇଁ ୮୦୦ କୋଟି ର ବ୍ୟୟର ଟେଣ୍ଡର ଛିଡ଼ ହୋଇଯାଇଥିବାର ସୂଚନା ଦେଇଥିଲେ । ସମ୍ବଲପୁର ରେ କେନ୍ଦ୍ର ରୁ ଆସିଥିବା ୫୦ ଟି ଇଲେକ୍ଟ୍ରିକ ବସ ଚାଲିବ ।କେବଳ ବିକାଶ କଲେ ହେବା ନାହିଁ ସ୍ୱଚ୍ଛତା ପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିବ । ସ୍ୱଚ୍ଛତା ର ଆନ୍ଦୋଳନ ପ୍ରତ୍ୟେକ ଘରୁ ଆରମ୍ଭ ହେବା ଦରକାର । ପ୍ରତ୍ୟେକ ଦିନ ବିକଶିତ ଭାରତ ପାଇଁ ଇଂଚିଏ ରାସ୍ତା ସମସ୍ତଙ୍କୁ ଚାଲିବାକୁ ପଡ଼ିବ ବୋଲି ସେ କହିଥିଲେ । ସୁଶାସନ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପାୟୀ ଙ୍କ ର ୧୦୧ ତମ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରବେଶ ପଥ ଠାରୁ ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଏକ ବିଶାଳ ଗଣବୋଟ ର ଆୟୋଜନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଜନସାଧାରଣ ଯୋଗଦେଇଥିଲେ ।

ଧନୁପାଲି ଶିଶୁ ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ

ସମ୍ବଲପୁର,୨୬/୧୨(ନି/ପ୍ର): ସମ୍ବଲପୁର ସହରର ଧନୁପାଲି ସ୍ଥିତ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ସଭାପତି ଡ଼. ବେବେନ୍ଦ୍ର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ବିଜୁ ପ୍ରସାଦ ମହାପାତ୍ର ଅତିଥି ଭାବେ ମଂଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୁ ପ୍ରସାଦ ମହାପାତ୍ର ମହୋଦୟ ଅତିଥିଙ୍କ ପରିଚୟ ସହ ବିଦ୍ୟସର ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଗଣିତ ପ୍ରମୁଖ ଦର୍ଶନଭ ବେହେରା ଗଣିତ ବିଦ୍ୟସର ବୃତ୍ତଅଙ୍କନ ଉପସ୍ଥାପନା କରିଥିଲେ । ମୁଖ୍ୟବକ୍ତା ପ୍ରିୟବ୍ରତ ନାୟ, ଶ୍ରୀନିବାସ ରାମାନୁଜମଙ୍କ ଅସାଧାରଣ ପ୍ରତିଭା ବିଷୟରେ ପୁଙ୍ଖାନୁପୁଙ୍ଖ ଅବତାରଣା କରିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଗଣିତ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁଶାସନ ଦିବସ ଅବସରରେ ହୋଇଥିବା ମାରାଥନ ରେ ଯୋଗ ଦେଇଥିବା ଜନତା ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆସନ୍ତା ବର୍ଷ ବୁର୍ଲା ଠାରେ ଶ୍ରୀ ଅଟଳ ବିହାରୀ ଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ଥିବା ଅଟଳ ଉଦ୍ୟାନ ଠାରେ ଅତ୍ୟାଧୁନିକ ଆକର୍ଷଣୀୟ ଉଦ୍ୟାନ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ଏହି ଉଦ୍ୟାନ କୁ ଏମିତି କରିବା ଯେମିତି ବୁର୍ଲା, ଓଡ଼ିଶା ର ବିକାଶ ର ଗୋଟେ ପ୍ରମୁଖ ପେଣ୍ଠସୁଲ ଭାବେ ପରିଚିତ ହେବା ।କେବଳ ସେତିକି ନୁହେଁ ବୁର୍ଲା ଥରେ ସ୍ଥିତ ପାଖାର ଚ୍ୟାନେଲ କୁ ଏକ ଅତ୍ୟାଧୁନିକ ଜଳାଶୟ ରେ ବିକାଶ କରନ୍ତୁ ଯେମିତି ଏହା ବୁର୍ଲା ର ଶ୍ରୀ ବୃଦ୍ଧି କରିବା ଅନେକ ପର୍ଯ୍ୟଟକ ଙ୍କୁ ଆକର୍ଷିତ କରିବା ବୋଲି କହିଥିଲେ ।କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରେ ଆମ ରାଜ୍ୟ ରେ ଗୋଟିଏ କଲ୍ୟାଣକାରୀ ଶାସନ ପ୍ରଣାଳୀ ଚାଲିଛି ।ସୁଶାସନ କେବଳ ସରକାର ର କାମ ନୁହେଁ ଏହା ପାଇଁ ଜନସାଧାରଣ ଙ୍କ ସହଯୋଗର ଆବଶ୍ୟକତା ତ ଅଛି ବୋଲି କହିଥିଲେ ।ସେସର୍ବପ୍ରଥମ ନାଗରିକ ନିଜେ ଦାୟିତ୍ୱ ନ ନେଇଛନ୍ତି ସେପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ, ବିକଶିତ ଭାରତ ର ସ୍ୱପ୍ନ ପୂରା ହୋଇପାରିବ ନାହିଁ ।ସମ୍ବଲପୁର କୁ ଅତ୍ୟାଧୁନିକ ଅଙ୍ଗ ରୂପେ ପରିଣତ କରିବା ପାଇଁ ରାସ୍ତା ଘାଟ ନିର୍ମାଣ ଚାଲିଛି ।ସେଥିପାଇଁ ଗୋଶାଳା ରୁ ଆରମ୍ଭ କରି ମାଝିପାଲି ପର୍ଯ୍ୟନ୍ତ ରିଙ୍ଗ ରୋଡ ର ନିର୍ମାଣ ପାଇଁ ୮୦୦ କୋଟି ର ବ୍ୟୟର ଟେଣ୍ଡର ଛିଡ଼ ହୋଇଯାଇଥିବାର ସୂଚନା ଦେଇଥିଲେ । ସମ୍ବଲପୁର ରେ କେନ୍ଦ୍ର ରୁ ଆସିଥିବା ୫୦ ଟି ଇଲେକ୍ଟ୍ରିକ ବସ ଚାଲିବ ।କେବଳ ବିକାଶ କଲେ ହେବା ନାହିଁ ସ୍ୱଚ୍ଛତା ପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିବ । ସ୍ୱଚ୍ଛତା ର ଆନ୍ଦୋଳନ ପ୍ରତ୍ୟେକ ଘରୁ ଆରମ୍ଭ ହେବା ଦରକାର । ପ୍ରତ୍ୟେକ ଦିନ ବିକଶିତ ଭାରତ ପାଇଁ ଇଂଚିଏ ରାସ୍ତା ସମସ୍ତଙ୍କୁ ଚାଲିବାକୁ ପଡ଼ିବ ବୋଲି ସେ କହିଥିଲେ । ସୁଶାସନ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପାୟୀ ଙ୍କ ର ୧୦୧ ତମ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରବେଶ ପଥ ଠାରୁ ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଏକ ବିଶାଳ ଗଣବୋଟ ର ଆୟୋଜନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଜନସାଧାରଣ ଯୋଗଦେଇଥିଲେ ।

ଖରିଫ ମଣ୍ଡିରୁ ଧାନ କ୍ରୟ ଆରମ୍ଭ ହୋଇଛି ,କିନ୍ତୁ କଟନୀ ଛଟନୀ ବନ୍ଦ କରିବା ନେଇ ପ୍ରଶାସନ ବିଫଳ

ଜୟପୁର, ୨୬/୧୨(ନି/ପ୍ର): କୋରାପୁଟ ଜିଲ୍ଲାରେ ଗତ ୧୧ ତାରିଖ ଠାରୁ ଖରିଫ ଧାନ କ୍ରୟ ନେଇ ମଣ୍ଡି ଶୁଭ ଉଦ୍ଘାଟନ ହୋଇଥିଲେ ସୁଦ୍ଧା ଧାନ କ୍ରୟ ହୋଇପାରିନଥିଲା । ଏହିପରି ବିଳମ୍ବନତା ବଳ ପଛରୁ ଚାଷୀଙ୍କ ଅମଳ ଖରିଫ ଧାନ ଆସନ୍ତା ୨୬ ତାରିଖ ସୁଦ୍ଧା ମଣ୍ଡିରେ ପ୍ରଶାସନ ପକ୍ଷରୁ କ୍ରୟ ଆରମ୍ଭ ନହେଲେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ ଓ ଆନ୍ଦୋଳନ ନେଇ ଚେତାବନୀ ଦିଆଯାଇଥିଲା । ଶେଷରେ ମଣ୍ଡି ଉଦ୍ଘାଟନର ୧୪ ଦିନ ପରେ ପ୍ରଶାସନ ପକ୍ଷରୁ ଗତ ବୁଧବାର ଜିଲ୍ଲାର ବୋରିଗୁମ୍ମା ଲ୍ୟାମ୍ପ ପକ୍ଷରୁ ଲାମରା ମଣ୍ଡିରେ ଟୋକେନ୍‌ଧାରୀ ୩ଜଣ ଚାଷୀଙ୍କ ଠାରୁ ୧୯୭ କୁଇଂଟାଲ ଏବଂ ବୋରିଗୁମ୍ମା ବ୍ଲକ ରତାକି ଗ୍ରାମ ପାଶିଫଟାୟର ପକ୍ଷରୁ ରତାକି ଗ୍ରାମ ମଣ୍ଡିରେ ୩ଜଣ ଚାଷୀଙ୍କ ଅମଳ ୧୦୯କୁଇଂଟାଲ ୫୦ କିଲୋ ଖରିଫ ଧାନ କ୍ରୟ ହୋଇଯାଇଛି । ସେହିପରି ଆଜି ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମ ମଣ୍ଡି ଠାରେ ଚାଷୀଙ୍କ ଧାନ କ୍ରୟ ଅମୁଗୁଣ ଲ୍ୟାମ୍ପ ପକ୍ଷରୁ ଆରମ୍ଭ ହୋଇଛି । ଫଳା ସାତେ ୬ଟା ସମୟ ସୁଦ୍ଧା ୫୩ ଜଣ ଚାଷୀଙ୍କ ଠାରୁ ୨୭୫୦ କୁଇ[illegible]ାଲ ଧାନ କ୍ରୟ ହୋଇଯାଇଛି । କିନ୍ତୁ କଟନୀ ଛଟନୀ ବନ୍ଦ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହିପରି ଗତାକାଲି ଏବଂ ଆଜି ଏଫଏଚ୍‌ସୁ ମାନର ଧାନ ନଥିବା ଅଭିଯୋଗ ନେଇ କଷ୍ଟମ ମିଲର୍ସ ମାନେ ଧାନ ଗ୍ରହଣ କରିବାକୁ ମନା କରିଥିଲେ । ଶେଷରେ କୁଇଂଟାଲ ପିଛା ୨କୁ ସାତେ ୨ କିଲୋ ଅଧିକ ଧାନ ଚାଷୀ ପ୍ରଦାନ କରିବା ନେଇ ସହମତି ପରେ ଧାନ କ୍ରୟ ଆରମ୍ଭ ହୋଇଛି । ଏହିପରି ଧାନ କ୍ରୟ ଆରମ୍ଭ ହୋଇଥିବା ସମସ୍ତ ଟୋକେନଧାରୀ ଚାଷୀଙ୍କ ସରକାରୀ ଧାର୍ଯ୍ୟ ଅନୁଯାୟୀ ଧାନ କ୍ରୟ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି । ସେହିପରି ବୋରିଗୁମ୍ମା ବ୍ଲକରେ ମଧ୍ୟ ବିଭିନ୍ନ ମଣ୍ଡିର ଧାନ କ୍ରୟ ଆରମ୍ଭ ହୋଇଯାଇଛି ।

ଫୁଲବାଣୀରେ ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ

ଛକମାଳ,୨୬/୧୨(ନି/ପ୍ର): ସ୍ଥାନୀୟ କରୋନେସନ ପଡ଼ିଆଠାରେ ସାଂସଦଙ୍କ ମାର୍ଗଦର୍ଶନ ଏବଂ ଛକମାଳ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ମିଳିତ ସହଯୋଗରେ ୨୧ ସେପଟେମ୍ବର ଠାରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଆୟୋଜିତ ହୋଇଥାଉଥିବା ସାଂସଦ ଖେଳ ମହୋତ୍ସବ ୨୦୨୫ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ କରୋନେସନ ପଡ଼ିଆ ପର୍ଯ୍ୟନ୍ତ ଏକ ମଶାଲ ଯାତ୍ରା ଆୟୋଜନ କରାଯାଇଥିଲା । ଛକମାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ଥିବା ବିଧାନସଭା ନିର୍ବାଚନ ମଣ୍ଡଳୀର ଉଭୟ ବାଳିକା ଓ ବାଳକ ପ୍ରତିଯୋଗୀମାନଙ୍କୁ ନେଇ କ୍ରିକେଟ, ଖୋ ଖୋ, କବାଡି, ଭୋଲିବଲ୍, ଚେସ୍, ଫୁଟବଲ, ବ୍ୟାଡମିଂଟନ, ପୁଶି ଆଦି ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଛକମାଳ ସାଂସଦ ସୁଜାତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲ୍ଲାପାଳ ଭାବରେ ଆଗାମୀ ଦିନରେ ବହୁମାତ୍ରାରେ ଗାଁ ଗହଳିର ଖେଳାଳୀଙ୍କ ପ୍ରତିଭାକୁ ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରତିପାଦନ କରିବା ପାଇଁ ସୁଯୋଗ ଦେବା ସହିତ ଲୋକଲୋଚନକୁ ଅଣାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ । ସଂସ୍କାନିତ ଅତିଥିଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଛକମାଳ ଜିଲ୍ଲାପାଳ ଦେବଭୂଷଣ, ଅନ୍ତର୍ଜାତୀୟ ୧୦୦ ଓ ୨୦୦ ମି. ଧାବିକା ବୁଡୀ ଚାନ୍ଦ, ଅନ୍ତର୍ଜାତୀୟ ଚେସ୍ ଖେଳାଳି ସ୍ୱୟଂଶୁ ସତ୍ୟପ୍ରଜ୍ଞାନ, ଅଲିମ୍ପିୟାନ ତଥା ଅର୍ଜୁନ ପୁରସ୍କାରରେ ପୁରସ୍କୃତ କେ ରବି କୁମାର, ଚେସ ଖେଳାଳି ସାଂଚି ସାହୁ ଯୋଗଦେଇ ଉପସ୍ଥିତ ଖେଳାଳିମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଛକମାଳ ଲୋକସଭା ନିର୍ବାଚନ ମଣ୍ଡଳୀସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ଓ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରୋଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସଦାଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦା, ଫୁଲବାଣୀ ଉପଜିଲ୍ଲାପାଳ ଜିକାରୀ ସାହୁ, ଜିଲ୍ଲା ସହଜାତକ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ ବାଣ୍ଡୁଆ, ଜିଲ୍ଲା ତ୍ରିତ୍ୱ ଅଧିକାରୀ ସମୀର ନାୟକ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଫୁଲବାଣୀ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଭାଜପା ଜିଲ୍ଲା ସଭାପତି ପଣ୍ଡିତ ବିସି ମାଝୀ, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ଛକମାଳ ଲୋକସଭା ମଣ୍ଡଳୀର ବିଭିନ୍ନ ବିଧାନସଭା କ୍ଷେତ୍ରର ଖେଳାଳି, ପ୍ରଶିକ୍ଷକ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଝାଡୁଆପଡ଼ାସ୍ଥିତ ଅରୁଣ୍ୟକ ମଂଚରେ 'ଯୁବ ଉଦୟନ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ସଂଦ୍ଧ୍ୟା

ରେଢ଼ାଖୋଲରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ରେଢ଼ାଖୋଲ/ସମ୍ବଲପୁର,୨୬/୧୨(ନି/ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି 'ସୁଶାସନ ଦିବସ' ଅବସରରେ ସମ୍ବଲପୁର ରେଢ଼ାଖୋଲ ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉଦଘାଟନ ସହ ପ୍ରାୟ ୨୪୫ କୋଟି ୫୭ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ୪୦ଟି ଜନହିତକର ପ୍ରକଳ୍ପର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରିବା ସହ ଓଡ଼ିଶା ଏବଂ ଦେଶ ପ୍ରତି ତାଙ୍କର ଅବଦାନକୁ ମନେପକାଇଥିଲେ । ସେ କହିଥିଲେ ଅଟଳଜୀ ଓଡ଼ିଶାର ବିକାଶ ପାଇଁ ସର୍ବଦା ପ୍ରତିବଦ୍ଧ ଥିଲେ ଏବଂ ମହାବାତ୍ୟା ସମୟରେ ଧ୍ୱଂସବିଧ୍ୱସ୍ତ ଓଡ଼ିଶାର ପୁନର୍ନିର୍ମାଣ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ । ସମ୍ବଲପୁର-ବାଜରେ ରେଳ ଲାଇନ୍ ତାଙ୍କର ଦୂରଦୃଷ୍ଟି ଯୋଗୁଁ ସମ୍ଭବ ହୋଇପାରିଥିବା କହିଥିଲେ । ସେ କହିଥିଲେ ଆଜି ଭଳି ପବିତ୍ର ଦିବସରେ ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ରେଢ଼ାଖୋଲରେ ଶିକ୍ଷାର ମାନକୁ ବଢ଼ାଇବା ସହ ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ । ସ୍ଥାନୀୟ ମହତ୍ତ୍ୱ ଉପରେ ଆଲୋକପାତ କରିଶ୍ରୀ ପ୍ରଧାନ କହିଥିଲେ ରେଢ଼ାଖୋଲ ହେଉଛି ପବିତ୍ର ମାଟି । ଏହି ଅଞ୍ଚଳ କଥା ଆସିଲେ ଅନ୍ଧକାର ମଧ୍ୟରେ ଆଲୋକର ବର୍ତ୍ତିକା ଦେଖାଇଥିବା ମହିମା ଧର୍ମର ପ୍ରଚାରକ ସନ୍ଥବିନୋବା ଭାମ ଭୋଇଙ୍କ କଥା ଆସେ । ଏହି ମାଟି ହେଉଛି ତାଙ୍କର ସାଧନା ପୀଠ । ସେ ତାଙ୍କର ଜୀବଜୟୀ ବାଣୀରେ କହିଥିଲେ: 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍ଦ୍ଦେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।' ଏହି ଫକ୍ତି ଜେବକ ଏକ କବିତା ନୁହେଁ, ବରଂ ଆଜିର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ଏକ ପ୍ରେରଣା ଓ ଆଦର୍ଶ ଅଟେ । ସେ ଆହୁରି କହିଥିଲେ ଯେ ରେଢ଼ାଖୋଲ ହେଉଛି ଐତିହାସିକ ସ୍ଥାନ । ଭାରତୀୟ ପୁନ୍‌ତତ୍ତ୍ୱ ବିଭାଗ (ଏଏସଆଇ) ଭାମମଣ୍ଡଳୀର ଐତିହାସିକ ଗୁରୁତ୍ୱକୁ ସାମ୍ନାକୁ ଆଣିଛି । 'କାର୍ବନ ଡେଟିଂ' ପ୍ରକ୍ରିୟା ମାଧ୍ୟମରେ ଜଣାପଡ଼ିଛି ଯେ ଭାମ ମଣ୍ଡଳୀର ବୟସ ପ୍ରାୟ ହଜାର ହଜାର ବର୍ଷ ପୂର୍ବରୁ । ଏହିପରିପ୍ରେକ୍ଷୀରେ ଏହି

ଲାୟନ୍ସ ଫେଟ୍-୨୦୨୫ : ଡିସେମ୍ବର ୨୫ର ଭବ୍ୟ ଆୟୋଜନ ମଧ୍ୟରେ ଶେଷ

ରାଉରକେଲା,୨୭/୧୨(ନି/ପ୍ର): ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଦ୍ୱାରା ସେବା ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବା ପାଇଁ ଆୟୋଜିତ ବାର୍ଷିକ ଦ୍ୱି-ଦିବସୀୟ ବୃହତ୍ତମ ମେଳା (ମେଗା କାର୍ନିଭାଲ୍) ଲାୟନ୍ସ ଫେଟ୍-୨୦୨୫ ସିଭିଲ୍ ଟାଉନସିପ୍ ସ୍ଥିତ ଏଲଆଇସି ଗ୍ରାଉଣ୍ଡ (ଲାଇଟ୍ ଲାଇନ ହସ୍ପିଟାଲ ସମ୍ମୁଖ)ରେ ଆନନ୍ଦ ଉଲ୍ଲାସ ସହିତ ଶେଷ ହୋଇଯାଇଛି । ରାଉରକେଲା ସହରବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବୃହତ ମେଳାର ଆନନ୍ଦ ନେଇଥିଲେ । ଲାୟନ୍ସ ମେଳାର ଦ୍ୱିତୀୟ ଦିବସରେ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ମମତା ଗୌତମ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲା ବେଳେ ତାଙ୍କ ସହିତ ଜିଲ୍ଲାର ପ୍ରଥମ ଲାୟନ୍ ସତୀଶ ଗୌତମ ମଧ୍ୟ ଉପସ୍ଥିତ ଥିଲେ । ଲାୟନ୍ ଚରଣଜିତ କୌର ଚୁରା (ଜିଡିଜି-୧) ଏବଂ ଲାୟନ୍ ଦୁର୍ଗେଶ ନନ୍ଦିନୀ ବିଶ୍ୱାଲ୍ (ଜିଡିଜି-୨) ସ୍ୱତନ୍ତ୍ର ଅତିଥି ଭାବରେ ମୁଖ୍ୟ ଉପସ୍ଥିତ ଥିଲେ । ଜିଜିଅନ୍ ଚେୟାରପର୍ସନ ଲାୟନ୍ ସୁଷମା ସାରଦା ଏବଂ କୋନ୍ ଚେୟାରପର୍ସନ ଲାୟନ୍ ସିଏ ଅମିତ ଅଗ୍ରୱାଲ ମଧ୍ୟ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ଉପସ୍ଥିତ ଥିଲେ । ଏହା ସହିତ ଉଭୟ ଲାଇନ୍ସ୍ ଗଭର୍ଣ୍ଣରଙ୍କ ଜୀବନ ସାଥିମାନେ ମଧ୍ୟ ବିଶେଷ ଅତିଥି ଭାବରେ ଉପସ୍ଥିତ ଥିଲେ । ବିଡିଜି ଲାୟନ ଚରଣଜିତ କୌର ଚୁରାଙ୍କ ସ୍ୱାମୀ ଲାୟନ ରଞ୍ଜିତ ଚୁରା ଏବଂ ବିଡିଜି ଲାୟନ ଦୁର୍ଗେଶ ନନ୍ଦିନୀ ବିଶ୍ୱାଲଙ୍କ ସ୍ୱାମୀ ଲାୟନ ସିଏ ରାଜକିଶୋର ସାହୁଙ୍କ ସମେତ ମଲ୍ଟିପୁଲ୍ କାଉନସିଲ୍ ଲାଇନ୍ସ ଚେୟାରପର୍ସନ ଲାୟନ ପ୍ରବୀଣ ଅଗ୍ରୱାଲ ଏବଂ ଲାଇନ୍ସ ଚେୟାରପର୍ସନ ଲାୟନ ସି.ଆର. ବାସ ମଧ୍ୟ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । କ୍ଲବ୍ ସଭାପତି ଲାୟନ ସିଏ ପବନ ଅଗ୍ରୱାଲ, ମେଳା (ରବସ୍ତର) ଅଧ୍ୟକ୍ଷ ଲାୟନ ରାଜେଶ ଅଗ୍ରୱାଲ ଏବଂ ମେଳା (ରବସ୍ତର) ସହ-ଅଧ୍ୟକ୍ଷ ଲାୟନ ହିତେଶ ବୋଥ୍ରା ମେଳା ସଂଗଠନରେ ସକ୍ରିୟ ଏବଂ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ । ସଚିବ ଲାୟନ ବିକାଶ ବିନ୍ଧଲ ଏବଂ କୋଷାଧ୍ୟକ୍ଷ ଲାୟନ ସିଏ ଅଞ୍ଜଳ ଶାହ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ସମୟରେ ମଂଚ ପରିଚାଳନା ପୂର୍ବତନ କ୍ଲବ୍ ସଭାପତି ଲାୟନ ସନ୍ତୋଷ ପାଲିଙ୍କ ଦ୍ୱାରା କୁଶଳତାର ସହିତ ପରିଚାଳନା କରାଯାଇଥିଲା । ପୂର୍ବତନ ଜିଲ୍ଲା ଗଭର୍ଣ୍ଣର, ପୂର୍ବତନ କ୍ଲବ୍ ସଭାପତି, ଜିଲ୍ଲା କ୍ୟାବିନେଟ୍ ସଦସ୍ୟ ଏବଂ ପଡ଼ୋଶୀ ଲାୟନ୍ସ କ୍ଲବ୍‌ର ସଭାପତିମାନେ ମଧ୍ୟ ନିମନ୍ତିତ ଅତିଥି ଭାବରେ ଉପସ୍ଥିତ ଥିଲେ । ଏହା କାର୍ଯ୍ୟକ୍ରମର ମହିମାକୁ ଆହୁରି ବୃଦ୍ଧି କରିଥିଲା । ଲାୟନ୍ସଫେଷ୍ଟ-୨୦୨୫ରେ ବ୍ୟାପକ ମନୋରଞ୍ଜନ, ସ୍ୱାଦିଷ୍ଟ ଖାଦ୍ୟ, ମଜାଦାର ଖେଳ, ବିଭିନ୍ନ ଷ୍ଟଲ ଏବଂ ଏକ ବିଶେଷ ଆକର୍ଷଣ ଦମ୍ପଲ ହାରସି ପ୍ରଦର୍ଶିତ ହୋଇଥିଲା । ପିଲା, ଯୁବକ ଏବଂ ପରିବାର ଲୋକମାନେ ଏହାକୁ ପୂର୍ଣ୍ଣ ଭାବରେ ଉପଭୋଗ କରିଥିଲେ । ସମାଜସେବା ଏବଂ ମନୋରଞ୍ଜନର ଏକ ସୁନ୍ଦର ମିଶ୍ରଣ ଏହି କାର୍ଯ୍ୟକ୍ରମରେ ସହରବାସୀଙ୍କ ପାଇଁ ଏକ ସ୍ମରଣୀୟ ହୋଇରହିବ ।

ମୁଁ ଓଡ଼ିଆ ମୁଁ ଗର୍ବିତ ସଂଗଠନ ପକ୍ଷରୁ ଆନନ୍ଦ ଭାଇଙ୍କ ସ୍ମୃତି ସଭା ଓ ଶ୍ରଦ୍ଧାଞ୍ଜଳୀ

ରାଉରକେଲା,୨୬/୧୨(ନି/ପ୍ର) :ମୁଁ ଓଡ଼ିଆ ମୁଁ ଗର୍ବିତ ସଂଗଠନ ପକ୍ଷରୁ ଆଜି ସଂଖାରେ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ମାହାନ୍ତି ଙ୍କ ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସଂଗଠନ ର ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀ ଙ୍କ ସଭାପତିତ୍ୱରେ ସଂଗଠନ ର ସଦସ୍ୟସଦ୍ୟ ଉପସ୍ଥିତ ଥିଲେ । ସଂଗଠନ ର ସାଧାରଣ ସମ୍ପାଦକ ସଙ୍ଗୀତ କୁମାର ନାୟକ ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ରଖିଥିଲେ । ସଂଗଠନ ର ପୃଷ୍ଠପୋଷକ ତଥା ବରିଷ୍ଠ ବିଜେଡି ନେତା ସୁଧିର ସୁନ୍ଦର ରାୟ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ମାହାନ୍ତି ଙ୍କ ସହ ବିତାଇଥିବା ସ୍ମରଣୀୟ ମୂହୂର୍ତ୍ତ ସହ ତାଙ୍କର ଅତୀତର ଅନେକ ଅଜୁଲା କଥା ରଖିଥିଲେ । ସଂଗଠନ ର ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀ ଆନନ୍ଦ ଭାଇ ଙ୍କ ସହ ମିଶି ନୀଳଚକ୍ର ରେ ଅନେକ କାର୍ଯ୍ୟ କରିଥିବା ବେଳେ ତାଙ୍କ ର ଓଡ଼ିଆ ଭାଷା ଓ ସଂସ୍କୃତି ପାଇଁ ଦୃଢ଼ ସମର୍ଥନ ଉଲ୍ଲେଖ କରିଥିଲେ । ପ୍ରାରମ୍ଭ ରେ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ମାହାନ୍ତି ଙ୍କ ଫଟୋଚିତ୍ର ରେ ଉପସ୍ଥିତ ସମସ୍ତ ସଦସ୍ୟ ଧୂପ ଲଗାଇ ଆମର ଆତ୍ମା ର ସଦଗତି କାମନା କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟ ତାଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନ ର ପୃଷ୍ଠପୋଷକ ଅନିରୁଦ୍ଧ ବିଶ୍ୱାଳ,ବିଳାପ ବାସ, ସମ୍ପାଦକ ପ୍ରତିଭା ପ୍ରିୟଦର୍ଶିନୀ, ସରୋଜ ନାୟକ,ଜିତେନ ମାଝଖଣ୍ଡ, ସ୍ୱସ୍ତ୍ର ସମ୍ପାଦକ ଗିରିଜାନନ୍ଦ ତ୍ରିପାଠୀ, କୋଷାଧ୍ୟକ୍ଷ ଲୀନା ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରିତୀରାଣୀ ରାଉତ କାର୍ଯ୍ୟକାରୀ ସଦସ୍ୟ ମନୁଷ ଦେ,ହେମଲତା ପ୍ରସାଦ, ସତ୍ୟବାନ ରାଉତ,ଅଜୟ ପ୍ରସାଦ,ଲଳିତ ରାଉତ,ବିଜୟ ପ୍ରସାଦ,ଜବୁରେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଜୟପୁର ଭଣ୍ଡାରି ସଂଘ ସଭାପତି ପୋଲିରାଜୁ

ଜୟପୁର,୨୬/୧୨ : ଜୟପୁର ଭଣ୍ଡାରି ସଂଘର ନିର୍ବାଚନ ସ୍ଥାନୀୟ ଦ୍ୱିତୀୟ ବଜାର ଠାରେ ଥିବା ସଂଘ ଗୃହ ଠାରେ ଆୟୋଗ ତିନି ବର୍ଷନିର୍ବାଚନ ଅନୁଷ୍ଠିତ ହୋଇଛି । ଏହିନିର୍ବାଚନରେ ଉପବେଷ୍ଟା ଭାବେ ଅଧିବକ୍ତା ବିଜୟ ରାୟ ଚଳାବେଢ଼ ନିର୍ଣ୍ଣାକ ସାମନ୍ତରାୟ ସୁମିତ ପଟ୍ଟନାୟକଙ୍କୁ ଚୟନ କରିଥିବା ବେଳେ ନିର୍ବାଚିତ ସଭାପତି ଭାବେ ଏ ପୋଲି ରାଜୁ ଉପ ସଭାପତି, ଜେ ସନ୍ତୋଷ ସମ୍ପାଦକ, ଟି ମହେଶ ସ୍ୱସ୍ତ୍ର ସମ୍ପାଦକ, ଏ ସତ୍ୟନାରାୟଣ କୋଷାଧ୍ୟକ୍ଷ, ଖାଲ ପ୍ରବିନ ସ୍ୱସ୍ତ୍ର କୋଷାଧ୍ୟକ୍ଷ, ଲାଲୁ ବେଢ଼ରେ ନିର୍ବାଚିତ ହୋଇଥିଲେ ।

ଭାରତୀୟ ସଂସ୍କୃତି ଇତିହାସରେ ଅବହେଳିତ

ରାଉରକେଲା,୨୬/୧୨(ନି/ପ୍ର): ଛେଣ୍ଡସୁଡ଼ି ଗୋପବନ୍ଧୁ ପାଠାଗାର ପରିସରରେ ଅଞ୍ଚଳ ଭାରତୀୟ ସାହିତ୍ୟ ପରିଷଦ,ନିର୍ମଳ ମୁଣ୍ଡା ନଗର ଶାଖାର ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ଶାଖାର ସଭାପତି ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ଅଧ୍ୟକ୍ଷତା କରି କହିଲେ ଯେ, ଓଡ଼ିଶାର ମହାପୁରୁଷ ମାନଙ୍କୁ କେବଳ ଶ୍ରାଦ୍ଧ ବାର୍ଷିକୀ ଏବଂ ଜୟନ୍ତୀ ଦିବସରେ ସ୍ମରଣ କରିଥାଉ । ଉତ୍ତର ପିଢ଼ିକୁ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାର ପ୍ରୟାସ ହୋଇନଥାଏ । ଅତୀତରେ ଦେଶାତ୍ମକ ବୋଧ କବିତା ଦେଶରୁ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ଭୂମିକା ନେଇଥିଲା ବୋଲି ପ୍ରକାଶ କରିଥିଲେ । ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଗୌତମ ଦାସ ଯଥାକ୍ରମେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅବଦାନ ଏବଂ ରାଷ୍ଟ୍ର ନିର୍ମାଣରେ କବିତାର ଭୂମିକା - ଶୀର୍ଷକରେ ଆଲୋଚନା କରିଥିଲେ । ବିଷୟ ବିଶେଷଜ୍ଞ ଶ୍ରୀ ଆଚାର୍ଯ୍ୟ ଗଜପତି ସ୍ୱତନ୍ତ୍ର ଓଡିଶାର ପ୍ରଥମ ଓ ବୃତୀୟ ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବପିଢି ଆଗେଇ ଆସିଲେ ଦେଶ ଉନ୍ନତି କରିବ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ବିଷୟ ବିଶେଷଜ୍ଞ କବି ଓ ନାଟ୍ୟକାର ଗୌତମ ଦାସ ଯୋଗ ଦେଇ କବିତା କେବଳ କବିର କଥା ନୁହେଁ,ଏହା ଲୋକ ମାନଙ୍କ ଦ୍ୱାରା ,ଲୋକମାନଙ୍କ ପାଇଁ ଶବ୍ଦରେ ଗୁନ୍ଥା ସୁନ୍ଦର ମାଳାଟିଏ,ଯାହାର ଅନ୍ତସ୍ତରରେ ସମାଜକୁ ସୁପଥରେ ବଢେଇ ଦେବାର ଦାର୍ଢ଼ ଦେଇଥାଏ । କବିତା ରାଷ୍ଟ୍ରର ନୈତିକ ,ବୌଦ୍ଧିକ ଓ ସାଂସ୍କୃତିକ ବିକାଶର ବାହକ ହୋଇଥାଏ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ

ହମିରପୁର ଉନ୍ନୟନ ପରିଷଦର ପବିତ୍ର ଖ୍ରୀଷ୍ଟମାସ ଓ ନୂଆବର୍ଷ ପାଳନ

ରାଉରକେଲା,୨୬/୧୨(ନି/ପ୍ର): ହମିରପୁର ଉନ୍ନୟନ ପରିଷଦ ତରଫରୁ ପବିତ୍ର ଖ୍ରୀଷ୍ଟମାସ ଓ ଆସନ୍ତା ନୂଆବର୍ଷ ପାଇଁ ଏକ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ ସୁମନ ବଜଲଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେଷ୍ଟର ୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ମୁଖ୍ୟଅତିଥି, ପ୍ରାଧାପକ ଡ ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ସାହୁ ଉପସ୍ଥିତ ସମସ୍ତଙ୍କୁ ବଡ଼ଦିନର ଶୁଭେଚ୍ଛା ଜଣାଇବା ସହ ସାଇବର ଠକେଇରୁ ବଚିବା ପାଇଁ ଉପାୟ ଓ ଅନ୍ୟାନ୍ୟ ଉପାଦେୟ ତଥ୍ୟ ମାଧ୍ୟମରେ ନିଜର ସୁରକ୍ଷା ତଥା ଭାଇଚାରା ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଡ ମଲ୍ଲିକ ଯିଶୁଙ୍କ ଜୀବନାଦର୍ଶ ଓ ବାଇବେଲ ର କିଛି ଫଟ୍ଟି ଉଦ୍ଧାର କରି ବଡ଼ଦିନ କିପରି ସମସ୍ତଙ୍କ ମଧ୍ୟରେ ସେ ।ହାର୍ଦ୍ଦପୂର୍ଣ୍ଣ ବାତାବରଣ, ଭାଇଚାରା ସାରା ବିଶ୍ୱରେ ବଣ୍ଟନ କରିଛି,ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ବରିଷ୍ଠ ସାମାଜିକ ମନୋରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନର ସୁନ୍ଦର ଅବସର ବୋଲି ମତ ରଖିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯଥା ସମାଜସେବା ପାଇଁ ନିମାଇଁ ଚରଣ ରାୟ, ଅଙ୍ଗନବାଡି କର୍ମୀ ସୌ ।ଦାମିନୀ ସାମଲ, ସାହିତ୍ୟ କ୍ଷେତ୍ର ପାଇଁ ଡ ନରେନ କୁମାର ଦାସ, କ୍ରୀଡା କ୍ଷେତ୍ର ପାଇଁ ହରମନ ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ତିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଓ ପରେ ହରମନ ଲାକ୍ରା,ଦେଓନିଶ ଲାକ୍ରା ବାଇବେଲ ପାଠ କରି ସମାଜରେ ସୁଖଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ । ଶେଷରେ କବି କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ, ସମ୍ପାଦକ ନିରଞ୍ଜନ ଦାସ,ଟି କେ ସୋମ୍,ଏସ କେ ରାୟଗୁରୁ, ନିରଞ୍ଜନ ସାମନ୍ତରାୟ, ଅଶୋକ କୁମାର ସାହୁ, ମହେନ୍ଦ୍ର ପଣ୍ଡିତ, ମହେଶ୍ୱର ସାହୁ, ଗଣେଶ କୟସିଂହ, ଅନିଲ କୁମାର ବାଲଚାନ୍ଦନୀ,କେ କେ ବିଶ୍ୱାଳ, ପ୍ରକାଶ ଗୁପ୍ତା,ଡା ଗୋପାଳ ଚନ୍ଦ୍ର ରାୟ, ପ୍ରଫୁଲ୍ଲ ଖାଣ୍ଡି, ରମେଶ ଯାଦବ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ଆରଏସପିରେ କର୍ମଚାରୀଙ୍କ ଜୀବନସାଥିଙ୍କ ନିମନ୍ତେ କାରଖାନା ଗସ୍ତ କାର୍ଯ୍ୟକ୍ରମ

ରାଉରକେଲା,୨୬/୧୨(ନି/ପ୍ର): ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥିଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା । ଏହି ପ୍ରୟାସ ଅଧୀନରେ ନୂତନ ସ୍ପେଟ ମିଲ, ହଟ ଷ୍ଟ୍ରିପ ମିଲ-୨, ଏସପିପି ଓ ସିଇଏମ ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଡିସେମ୍ବର ୨୦ ତାରିଖ ଦିନ, କ୍ୱାଷ୍ଟ ଫର୍ଣ୍ଣେସ-୫, ନୂତନ ସ୍ପେଟ ମିଲ, ହଟ ଷ୍ଟ୍ରିପ ମିଲ ୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା । ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ନୂତନ ସ୍ପେଟ ମିଲ, ଏସପିପି, ଓ ଡିଜିଟାଲାଇଜେସନ ବିଭାଗର ସିଜିଏମ ଶ୍ରୀ ଆର କେ ମୁଦୁଲି ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ନୂତନ ସ୍ପେଟ ମିଲ ବିଭାଗର ଜିଏମ ଶ୍ରୀ ନୀଳମଣି ମହାପାତ୍ର ଓ ଶ୍ରୀ ଏସ ସୁବ୍ରମଣ୍ୟମ, ଏଚଆର ବିଭାଗର ସିନିୟର ମ୍ୟାନେଜର ଶ୍ରୀ ପି କେ ଜେନା, ଏନପିଏମ ବିଭାଗର ଏଏସଓ ସୁଶ୍ରୀ ପ୍ରଜ୍ଞା ନାଥ ଓ ବିଭାଗର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିତ୍ତିଓ ଦେଖାଯାଇଥିଲା । ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅଭୂତ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ତ୍ତନା କରିଥିଲେ । ସେମାନଙ୍କର ଜୀବନସାଥିଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ । ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ ଜଟାମାଲ ଠାରୁ ଆରମ୍ଭ କରି ବୃତ୍ତାକ୍ର ସାମଗ୍ରୀ ଡିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଲଣ୍ଡାର ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା । ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ସମିତ ନନ୍ଦି ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

ଭଦ୍ରକ,୨୬/୧୨(ନି/ପ୍ର):ଭଦ୍ରକ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ "ସୁଶାସନ ଦିବସ" ଭଦ୍ରକ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ନିଜ ଭାବବୋଧନରେ କହିଥିଲେ ଯେ, ବାଜପେୟୀଙ୍କ ଜୀବନ ଆଦର୍ଶରୁ ପ୍ରେରଣା ନେଇ ପ୍ରତିନିୟାଶୀଳ ହେବା ପରିବର୍ତ୍ତେ ପୂର୍ବପ୍ରସ୍ତୁତ (ପ୍ରୋ-ଆକ୍ଟିଭ୍) ଭାବରେ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ। "ଲେସ୍ ଗଭରନମେଂଟ, ମୋର ଗଭରନାନ୍ସ" ନୀତି ଉପରେ ଜୋର ଦେଇ ସେ କହିଥିଲେ ଯେ, ସୁଶାସନକୁ ସାର୍ଥକ କରିବା ପାଇଁ ଲୋକମାନଙ୍କୁ ସରକାରୀ ନିୟମାବଳୀକୁ ବୁଝି ସେହି ଅନୁଯାୟୀ କାମ କରିଲେ ସୁଶାସନ ର ଯେଉଁ ଲକ୍ଷ୍ୟ ତାହା ପୂରଣ ହୋଇପାରିବ । ସୁଶାସନ ଦିବସରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ ଦେଶବାସୀମାନଙ୍କୁ ବାଜପେୟୀଙ୍କ ଦିଗଦର୍ଶନ ଓ ଆଦର୍ଶରୁ ପ୍ରେରିତ ହୋଇ ସରଳ ଜୀବନ ଶୈଳୀ ଆପଣାଇବାକୁ ଆହ୍ୱାନ କରିଥିଲେ । ସୁଶାସନ ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅମର ଅବଦାନକୁ ସ୍ମରଣ

ଜାନୁଆରୀ ୧୮ରେ ସୁନ୍ଦରଗଡ଼ରେ ହେବ ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ

ରାଉରକେଲା, ୨୬/୧୨(ନି/ପ୍ର): ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଆଶିଷ ବଚନ କରି ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ ତମ ଶୁଭ ଜନ୍ମ ମହାମହୋତ୍ସବ ଓ ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ 'ଏଣିଶୀସାରୀ' ଆଗାମୀ ଜାନୁଆରୀ ମାସ ୧୮ ତାରିଖ ଦିନ ସୁନ୍ଦରଗଡ଼ ସ୍ଥିତ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ସାଡ଼ମ୍ବରେ ପାଳନ କରାଯିବ । ଏହି ଉତ୍ସବର ସଫଳତା ନିମନ୍ତେ ଠାକୁରଙ୍କ ଅନୁଗାମୀଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ଅବସରରେ ରାଉରକେଲା